# ଆଦିବାସୀ ଜନଜୀବନର ମହାକୁମ୍ଭ ଆଦିବାସୀ ମେଳା

ଗୋଟିଏ ବର୍ଷର ବ୍ୟବଧାନ ପରେ ପୁଣି ଆସିଛି ରାଜଧାନୀବାସୀଙ୍କର ଅତିପ୍ରିୟ, ଅତି ପରିଚିତ ଆଦିବାସୀ ମେଳା । ରାଜ୍ୟର ଆଦିବାସୀ ଜନଜୀବନର ମହାକୁମ୍ଭ ରୂପେ ବିବେଚିତ ହେଉଥିବା ଏହି ମେଳା ଜାନୟାରୀ ୨୬ ତାରିଖ ପବିତ୍ର ସାଧାରଣତନ୍ତ୍ର ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ଆଦିବାସୀମାନଙ୍କର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଜୀବନର ବାସ୍ତବ ଚିତ୍ରକୁ ରାଜ୍ୟର ରାଜଧାନୀରେ ସୁନ୍ଦରଭାବରେ ପ୍ରତିଫଳିତ କରିବା ପାଇଁ ସୁଯୋଗ ସୃଷ୍ଟି କରିଥାଏ ଆଦିବାସୀ ମେଳା । ବିଶାଳତା, ଆଙ୍ଗିକ ସାଜସଜ୍ଜା, ମଣ୍ଡପ ଗୁଡିକ ନିର୍ମାଣ ଶୈଳୀ ସର୍ବୋପରି ଜନସାଧାରଣଙ୍କର ସ୍ୱତଃସ୍ଫୂର୍ତ୍ତ ଆଗ୍ରହକୁ ଲକ୍ଷ୍ୟକଲେ ଯେ କେହି ନିଃସନ୍ଦେହରେ ମତ ଦେବ ଯେ ଏହି ମେଳା ହେଉଛି ରାଜଧାନୀର ସର୍ବଶ୍ରେଷ୍ଠ ସାଂସ୍କୃତିକ ତଥା ବାଣିଜ୍ୟିକ ମିଳନ ପୀଠ ।

ପ୍ରଥମ ଅବସ୍ଥାରେ ରାଜ୍ୟର ପୁରାତନ ରାଜଧାନୀ ତଥା ମୁଖ୍ୟ ବାଣିଜ୍ୟ କେନ୍ଦ୍ର କଟକଠାରେ ୧୯୫୧ ଜାନୁୟାରୀ ୨୬ ତାରିଖ ଜନରାଜ୍ୟ ଦିବସରେ ଆଦିବାସୀ ମେଳାର ଶୁଭାରମ୍ଭ କରାଯାଇଥିଲା । ପରିବର୍ତ୍ତିତ ଅବସ୍ଥାରେ ୧୯୫୪ ମସିହାରୁ ଏହା ରାଜଧାନୀ ଭୁବନେଶ୍ୱରର ଆଦିବାସୀ ପ୍ରଦର୍ଶନୀ ପଡିଆକୁ ସ୍ଥାନାନ୍ତରିତ ହୋଇଛି ଭିନ୍ନ ସ୍ୱାଦ, ପରିବ୍ୟାପ୍ତ କଳେବର ଓ ସୁଦୂର ପ୍ରସାରୀ ପରିକଳ୍ପନାର ନିଖୁଣ ସ୍ୱାକ୍ଷର ବହନ କରି । ସେତେବେଳେ ଆଦିବାସୀ ଓ ଗ୍ରାମ ମଙ୍ଗଳ ନାମରେ ନାମିତ ବିଭାଗଟି ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗରେ ପରିଣତ ହୋଇଛି । ଏହି ବିଭାଗର ପୃଷ୍ଠପୋଷକତା ତଥା ଆନୁକୂଲ୍ୟରେ ଆରମ୍ଭ ହୋଇଥିଲା ଆଦିବାସୀ ମେଳା । ଏହାର ବହୁବିଧ ଲକ୍ଷ୍ୟ ଓ ଆଭିମୁଖ୍ୟ ଗୁଡିକ ମଧ୍ୟରୁ ପ୍ରଧାନ ଦିଗଟି ହେଉଛି, ଆଦିବାସୀମାନଙ୍କ ଦ୍ୱାରା ପ୍ରସ୍ତୁତ କଳା, କଳାକୃତି, ହସ୍ତଶିଳ୍ପ, କୃଷିଜାତ ସାମଗ୍ରୀ, ସେମାନଙ୍କ ଦ୍ୱାରା ସଂଗୃହୀତ ବନଜାତ ଦ୍ରବ୍ୟଗୁଡ଼ିକୁ ରାଜ୍ୟ ପ୍ରଶାସନର ପ୍ରାଣକେନ୍ଦ୍ର ରାଜଧାନୀରେ ପ୍ରଦର୍ଶନ କରାଇବା ସଙ୍ଗେ ସଙ୍ଗେ ସେସବୁର ବିକ୍ରି କରିବା ନିମନ୍ତେ ବଜାର ସୃଷ୍ଟି କରାଇବା ।

ଦ୍ୱିତୀୟତଃ ଆମ ଜନସଂଖ୍ୟାର ଏକ ବିଶାଳ ଭାଗର ଲୋକ ସଂସ୍କୃତି, ଲୋକ କଳା, ଲୋକ ନୃତ୍ୟ ଆଦିକୁ ରାଜଧାନୀବାସୀଙ୍କ ସହ ପରିଚିତ କରାଇ ଭାବର ଆଦାନ ପ୍ରଦାନ ନିମନ୍ତେ ସୁଯୋଗ ସୃଷ୍ଟି କରାଇବା । ତୃତୀୟତଃ ଜନଜାତିର ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସଂପର୍କରେ ସଚେତନତା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବା । ଏହି ସବୁ ଲକ୍ଷ୍ୟ ପୂରଣରେ ଆଦିବାସୀ ମେଳା ଅନେକାଂଶରେ ସଫଳ ହୋଇଥିବାର ବିଗତ ବର୍ଷଗୁଡ଼ିକର ଅଭିଜ୍ଞତାରୁ ଜଣାପଡୁଛି ।

ଚଳିତ ମାସ ୨୬ ତାରଖରୁ ଆରମ୍ଭ ହୋଇଥିବା ଆଦିବାସୀ ମେଳାରେ ଉପରୋକ୍ତ ତିନୋଟି ଆଭିମୁଖ୍ୟ ସଂପୂର୍ଣ୍ଣ ରୂପେ ପ୍ରତିଫଳିତ ହେବା ସଙ୍ଗେ ସଙ୍ଗେ ବିଗତ ବର୍ଷଗୁଡିକରେ ଆୟୋଜିତ ମେଳା ତୁଳନାରେ କେତେକ ବୈଶିଷ୍ଟ୍ୟ ଓ ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୋଇଥିବାର ଦେଖାଯାଉଛି । ବିଗତ ଛ' ବର୍ଷ ଧରି ଏହି ମେଳାର ଅବଧି ୧୫ ଦିନକୁ ବୃଦ୍ଧି କରାଯାଇଛି । ସମୟର ସ୍ୱଳ୍ପତା ଦୃଷ୍ଟିରୁ ଯେଉଁମାନେ ଏହି ମେଳାକୁ ଉପଭୋଗ କରିବା ସୁଯୋଗରୁ ବଞ୍ଚିତ ହେଉଥିଲେ, ସେମାନଙ୍କ ପାଇଁ ଏହା ବେଶ୍ ଆଗ୍ରହ ଓ ଉତ୍ସାହ ସୃଷ୍ଟି କରିଛି । ରାଜଧାନୀର ବ୍ୟସ୍ତବହୁଳ ଜୀବନଯାତ୍ରା ମଧ୍ୟରେ ସହରୀସଭ୍ୟତାର ଚାକଚକ୍ୟରେ ବୁଡ଼ି ରହିଥିବା ଜନସାଧାରଣଙ୍କ ପାଇଁ ଆଦିବାସୀ ମେଳା-୨୦୧୬ ନିଶ୍ଚିତ ଭାବରେ ଏକ ଭିନ୍ନ ସ୍ୱାଦର ଅନୁଭୂତି ଯେ ଆଣିଛି ଏଥିରେ ସନ୍ଦେହ ନାହିଁ ।

ପ୍ରଦୋଷ ପଟ୍ଟନାୟକ

# ଆଦିବାସୀ ମେଳା ରେ ଦେବପୀଠ

ଜନଜାତି ସମାଜରେ ମେଳାର ମହତ୍ୱ ସବୁଠୁ ବେଶି । ସେମାନଙ୍କ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ଜୀବନ ଧାରାରେ ମେଳା ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ମିଳାମିଶାର ଭାବ ବନ୍ଧନକୁ ସୁଦୃଢ କରିବାର ହେତୁ ହେଉଛି ଏହି ମେଳା । ଜନଜାତି ଅଂଚଳରେ ମେଳା ଯେଉଁପରି ଆୟୋଜିତ ହୁଏ ତାହ ଖୁବ୍ ନିଆରା । ମେଳା ଆରମ୍ଭ ପୂର୍ବରୁ ଗ୍ରାମ ଦେବତାଙ୍କୁ ଆବାହନ କରାଯାଏ । ପାଖ ପଡିଶା ଗ୍ରାମର ସମସ୍ତ ଦେବ-ଦେବୀ ନିମନ୍ତ୍ରୀତ ହୋଇ ଆସନ୍ତି ମେଳା ସନ୍ନିକଟ ନିର୍ଦ୍ଧାରିତ ସ୍ଥାନକୁ । ମେଳା ଯେପରି ସୁରୁଖୁରୁରେ ସମ୍ପାଦିତ ହେବ ସମସ୍ତେ ଯେପରି ବିନା ବାଧାବିଘ୍ନରେ ସମସ୍ତ କାର୍ଯ୍ୟ ନିର୍ବାହ କରି ପାରିବେ ସେଥିପାଇଁ ଆସ୍ଥାନରେ ଆସୀନ କରାଇ ସେମାନଙ୍କ ପାଖରୁ ଆଶିର୍ବାଦ କାମନା କରିଥାନ୍ତି । ବିବିଧ ପୂଜା ଉପଚାରରେ ଦେବ-ଦେବୀଙ୍କ ଆଶିଷ ନେଇ ମେଳା ସୁରୁଖୁରୁରେ ଆୟୋଜିତ ହେବ । ଏହା ପରମ୍ପରା ।

ଭୁବନେଶ୍ୱର ଆଦିବାସୀ ପଡିଆରେ ଅନୁଷ୍ଠିତ ହେଉଥିବା ଆଦିବାସୀ ମେଳାରେ ସେହି ପରମ୍ପରା ପରିଲକ୍ଷିତ ହେଉଛି । ନିର୍ଦ୍ଧାରିତ ସ୍ଥାନରେ ଦେବ-ଦେବୀଙ୍କୁ ଆସୀନ କରାଇ ପ୍ରତ୍ୟେକ ଜନଜାତି ଗୋଷ୍ଠୀ ସେମାନଙ୍କ ଅଭିଷ୍ଟ ପୁରଣ ସକାଶେ କାମନା କରିଥାନ୍ତି । ଭୁବନେଶ୍ୱର ଆଦିବାସୀ ପଡିଆର ଆଦିବାସୀ ଗୃହପୁଞ୍ଜ କେନ୍ଦ୍ର ସ୍ଥଳରେ ସୁ-ସଜିତ ଭାବେ ନିର୍ମିତ ଆଦିବାସୀ ଦେବପୀଠ ସ୍ଥଳୀରେ ବିଭିନ୍ନ ସଂପ୍ରଦାୟର ଗ୍ରାମଦେବୀ ଅଧିଷ୍ଠିତ ହୋଇଛନ୍ତି ସଉରା ଗ୍ରାମଦେବତୀ ସାରପ୍ଲାସୁମ୍ । ଡଙ୍ଗରିଆ କନ୍ଧ କୁଡିଲିଙ୍ଗାରେ ଆସୀନା ହୋଇଛନ୍ତି କୁଟେଇବାଲି; ପାଣ୍ଟି ମୁଣ୍ଡା । ଜାହେରାରେ ଦେସାଉଲି, ଜାହେରଆୟୋ, ବୁରୁବଙ୍ଗା । ସେମାନେ ଆସ୍ଥାନରେ ଆରୁଢ ହୋଇ ସମଗ୍ର ଆଦିବାସୀ ପଡିଆର ସୁରକ୍ଷା ତଦାରଖ କରୁଛନ୍ତି । ସୁନାବେଡାର ସୁନାଦୀ ଦେବୀ ତାଙ୍କ ଶୁକ୍ଳ ଶାଢ଼ୀ ପରିଧାନ ପୂର୍ବକ ନିରୀକ୍ଷଣ କରୁଛନ୍ତି ପଡିଆକୁ ପାଉଡିଭୂୟାଁଙ୍କ ଗ୍ରାମଶ୍ରୀ, କିସାନ ମାନଙ୍କ ଭୈରବ ଦେବତା; ଜୁଆଙ୍ଗଙ୍କ ଗ୍ରାମଶିରୀ; ଡିଡାୟୀଙ୍କ ହୁଣ୍ଡିଦେବୀ, ବଣ୍ଡାଙ୍କ ପାଟଖଣ୍ଡା ସମସ୍ତେ ନିଜ ନିଜ ଆସ୍ଥାନରେ ରହି ସୁରକ୍ଷା ଦାୟୀତ୍ୱ ତଦାରଖ କରୁଛନ୍ତି । କୁଟିଆ କନ୍ଧଙ୍କ ଧରଣୀ ଦେବୀ ସମସ୍ତଙ୍କ କେନ୍ଦ୍ର ସ୍ଥଳରେ ରହି ନିୟନ୍ତ୍ରଣ କରୁଛନ୍ତି ସମସ୍ତଙ୍କର କାର୍ଯ୍ୟବିଧି । ଏକ ଧାର୍ମିକ ବାତାବରଣ; ସମସ୍ତେ ଭଲରେ ରହନ୍ତୁ । କୌଣସି ଅଘଟଣ ନଘଟୁ ଏଥିପ୍ରତି ସଦାଜାଗ୍ରତ ଜନଜାତି ଦେବଦେବୀ ଏକତ୍ରୀତ ହୋଇଛନ୍ତି ଆଦିବାସୀ ମେଳାରେ । ମେଳା ସଂଦର୍ଶନରେ ଆସୁଥିବା ସମସ୍ତ ଯାତ୍ରୀ, ଦର୍ଶକଙ୍କ ମସ୍ତକ ସ୍ୱତଃ ନଇଁ ଯାଉଛି ଆଶୀର୍ବାଦ କାମନାପାଇଁ । ଜନଜାତିର ସଂସ୍କୃତି ସହରୀ ମାୟାରେ ହଜିନଯାଇ ବିଶ୍ୱାସର ଏକ ସୁସ୍ଥ ପରିବେଶଟାଏ ସୃଷ୍ଟି କରି ଆମକୁ ବିଭୋର କରୁଛି । ଜନଜାତି ସଂସ୍କୃତିର ଏହି ନିଆରା ପରମ୍ପରା ଆଦିବାସୀ ମେଳା ପରିସରକୁ ସାତ୍ତ୍ୱିକ କରିରଖିଛି ।